# ସାଇ ପ୍ରଶାନ୍ତି ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଭଦ୍ରେଶ୍ୱର, ୨୯।୩(ସମିସ): ମାହାଙ୍ଗା ଜରିଆନଦୀ କୂଳ ଲଙ୍ଗଳେଶ୍ୱର ମହାଦେବ ମନ୍ଦିର ସନ୍ନିକଟରେ ଅବସ୍ଥିତ ସାଇ ପ୍ରଶାନ୍ତି ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଆନନ୍ଦ ଉଲ୍ଲାସର ସହ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ୨୫ ତାରିଖ ବୁଧବାର ପୂର୍ବାହ୍ନରେ ଅଙ୍କୁରାରୋପଣ ଓ ସନ୍ଧ୍ୟାରେ ମାଳିକା ବର୍ଣ୍ଣିତ ପବିତ୍ର ଜରିଆନଦୀ ଆଳତି କରାଯାଇଥିଲା। ୨୬ତାରିଖ ପ୍ରାତଃ ୮ଘଟିଆ ସମୟରେ ଜରିଆ ନଦୀରୁ ଶତାଧିକ ମହିଳା ଏକ ବିରାଟ ଶୋଭାଯାତ୍ରାରେ ଆସିଥିଲେ। ଏହି କଳସୀ ଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସାଇପ୍ରେମୀ ସୁରେନ୍ଦ୍ରକୁମାର ବାରିକ ଓ ତାଙ୍କର ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ଦେଇ ପୁରୋଧା ଭାବରେ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିଲେ। ୨୭ତାରିଖ ପବିତ୍ର ଶ୍ରୀରାମ ନବମୀରେ ସାଇବାବାଙ୍କର ଦିବ୍ୟ ଚଭାଡି ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରି ସ୍ଥାନୀୟ ପର୍ଶୁରାମପୁର, ମାହାଙ୍ଗା, ସିପୁରା, ଯଶୁଆପୁର, କୁସୁନଦାସପୁର, ପଦନଦାସପୁର ଆଦି ଗ୍ରାମ ପରିକ୍ରମା କରି ମନ୍ଦିରକୁ ଫେରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଚଭାଡି ପାଲିଙ୍କି କାନ୍ଧରେ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୨୮ ତାରିଖ ରାତ୍ରରେ ଯଜ୍ଞର ପୂର୍ଣ୍ଣାହୁତୀ ହୋଇଥିଲା। ୪ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସେକ ମାସୁଦ ଅଲ୍ଲୀ, ଦେବେନ୍ଦ୍ର ସାହୁ, ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସାଇବାବାଙ୍କ କୃପାଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାଙ୍ଗା ସାଇ ପ୍ରଶାନ୍ତି ମନ୍ଦିର ପରିଚାଳନା କମିଟି ସମସ୍ତ ଶ୍ରଦ୍ଧାଳୁ, ପ୍ରଶାସକ, ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

# କୁରୁଜଙ୍ଗାରେ ନେତା-ଠିକାଦାର-ଯନ୍ତ୍ରୀ ସଲାସୁତୁରା

## ଭଲ ରାସ୍ତାରେ ପଡୁଛି ପିଚୁ; ସରକାରୀ ଅନୁଦାନ 'ଲୁଟ୍‌ର ମାଧ୍ୟମ'

ଭଦ୍ରେଶ୍ୱର, ୨୯।୩(ସମିସ)

ରାଜ୍ୟ ସରକାର ଗୋଟିଏ ପଟେ ଆର୍ଥିକ ସଙ୍କଟ ଓ ଋଣ ଭାର ଦେଇ ଗତି କରୁଥିବା ବେଳେ ଅନ୍ୟପଟେ କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ସରକାରୀ ଅର୍ଥର କିପରି ବ୍ୟାପକ ଅପବ୍ୟୟ କରାଯାଉଛି, ତାହାର ଏକ ନଗ୍ନ ନମୁନା ସାମ୍ନାକୁ ଆସିଛି। କୁରୁଜଙ୍ଗା ଗ୍ରାମପଞ୍ଚାୟତ ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ଏବେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ 'ଲୁଟ୍‌ର ମାଧ୍ୟମ' ପାଲଟିଛି।

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟି ସ୍ଥାନୀୟ ରାଜନେତା, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପାଇଁ ସତେ ଯେପରି 'ଲେଉଟିଆ କିଆରି'ରେ ପରିଣତ ହୋଇଛି। ଅଭିଯୋଗ ହେଉଛି ଯେ ପ୍ରତିବର୍ଷ ଏହି ରାସ୍ତା ନିର୍ମାଣ ନାମରେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାଟି ଅଳ୍ପ ଦିନରେ ଶୋଚନୀୟ ହୋଇପଡୁଥିବା ବେଳେ, ଏହାକୁ ସଜାଡ଼ିବା ବାହାନାରେ ବାରମ୍ବାର ବିଲ୍ କରାଯାଇ ମନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟ ପରିବର୍ତ୍ତନ କରାଯାଉଛି। ନିକଟରେ ଏହି ରାସ୍ତାକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା ଏବଂ ରାସ୍ତାର ଅବସ୍ଥା ବେଶ୍ ଭଲ ଥିଲା। ମାତ୍ର କୌଣସି ଆବଶ୍ୟକତା ନ ଥାଇ ଓ ବିନା ସୂଚନା ଫଳକରେ ପୁନର୍ବାର ପ୍ରାୟ ୧୫୦୦ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବା ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ସାଧାରଣ ଲୋକଙ୍କ ଟିକସ ଟଙ୍କାରେ କିପରି ପିସି କାରବାର ଓ ରାତାରାତି କୋଟିପତି ହେବାର ନିଶା ଘାରିଛି, ତାହା ଏହି କାର୍ଯ୍ୟରୁ ସ୍ପଷ୍ଟ ଜଣାପଡୁଛି। ସରକାର ଋଣ ଯନ୍ତାରେ ଛଟପଟ ହେଉଥିବା ବେଳେ ଏଭଳି ଅଯଥା ଖର୍ଚ୍ଚ କେତେଦୂର ସମୀଚୀନ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ବ୍ୟାପକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।



# ସୀତା ବିବାହ ବେଶରେ ଶ୍ରୀଦାରୁ ରଘୁନାଥଜୀଉ



ତିଗିରିଆ, ୨୯।୩(ସମିସ): ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମ ନବମୀ ପର୍ବର ରବିବାର ତୃତୀୟ ଦିନରେ ପ୍ରଭୁ ଶ୍ରୀ ରଘୁନାଥଜୀଉ ଭକ୍ତମାନଙ୍କୁ ସୀତା ବିବାହ ବେଶରେ ଦର୍ଶନ ଦେଇଥିବାର ପୂଜକ ସନ୍ତୋଷ ଶତପଥୀ ସୂଚନା ଦେଇଛନ୍ତି। ଆଜି ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ତୃତୀୟ ଦିବସରେ ବଡମ୍ବା, ବାଙ୍ଗରସିଂହା ବଡ଼ସାହି ଶ୍ରୀ ଶ୍ରୀ ରଘୁନାଥଜୀଉ ନାଟ୍ୟ ସଂସଦ ପକ୍ଷରୁ ରାମ ବନବାସ ବିଷୟ ବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

# ଆମ୍ବ୍ରିସନ କ୍ଲବ୍‌ରେ ମେଗା ରକ୍ତଦାନ ଶିବିର



ଚୌଦ୍ୱାର, ୨୯।୩(ସମିସ): ଚୌଦ୍ୱାରସ୍ଥିତ ମା' ବିରଜା କ୍ରିକେଟ କ୍ଲବ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଓଟିଏମ କଲୋନୀସ୍ଥିତ ଆମ୍ବ୍ରିସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରକ୍ତଦାନ ଶିବିରକୁ କ୍ରିକେଟ କ୍ଲବର କର୍ମକର୍ତ୍ତାଙ୍କ ସହିତ ଟେଟ୍ରାହେଡନ ଏଜୁକେସନାଲ ଟ୍ରଷ୍ଟ ସହଯୋଗ କରିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଟେଟ୍ରାହେଡେନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ମ୍ୟାନେଜିଂ ଡାଇରେକ୍ଟର ତ୍ରିଦେବ ବେହେରା, ୟୁଏମଏସଏଲର ମହାପ୍ରବନ୍ଧକ ଭାଗବତ ସାହୁ, ଆମ୍ବ୍ରିସନ କ୍ଲବ ସଭାପତି ଅମିତ ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, ସମାଜସେବୀ କ୍ଷୀରୋଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କଟକ ଜିଲ୍ଲା ରେଡକ୍ରସ କନଭେୟର ତଥା ଅଧ୍ୟାପିକା ସସ୍ମିତା ପଟ୍ଟନାୟକ, ଡ. ଅବିନାଶ ଦାସ, ସରୋଜ ମହାନ୍ତି, ଗୋବିନ୍ଦ ମହନ୍ତ, ପିତାମ୍ବର ଜେନା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ମା' ବିରଜା କ୍ରିକେଟ କ୍ଲବର କର୍ମକର୍ତ୍ତା ଦେବାଶିଷ ରାଉତ, ରୋହିତ ସ୍ୱାଇଁ, ଭାଗ୍ୟପ୍ରସାଦ ବାରିକ, ସାର୍ଥକ ମହାନ୍ତି, ବାସୁଦେବ ବାରିକ, ସୁଧିର ରାଓ, ସ୍ମୃତିରଞ୍ଜନ ପରିଡ଼ା, ସୋମନାଥ ବେହେରା, ଆଶିଷ ରାଉତ, ଆଶିଷ ବରାଳ, ପ୍ରଦୀପ ଦାସ, ବାସୁଦେବ ବାରିକ, ସତ୍ୟ ନାୟକ ପରିଚାଳନା କରିଥିଲେ।

# ରାତିଅଧିଆ ଚାଲିଛି ପୋଲ କାମ



ନରସିଂହପୁର, ୨୯।୩(ସମିସ): ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତର ନରସିଂହପୁର-କମଳାଡ଼ିହ ମୁଖ୍ୟରାସ୍ତାରେ ଚାଲିଥିବା ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଠିକାଦାର ବ୍ରିଜ୍ ନିର୍ମାଣରେ ନିମ୍ନମାନର ଛଡ଼ ଓ ସିମେଣ୍ଟ ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି କାର୍ଯ୍ୟକୁ ତରବରିଆ ଭାବେ ଶେଷ କରି ଅନ୍ୟତ୍ର ଚାଲିଯିବା ଉଦ୍ଦେଶ୍ୟରେ ବିଳମ୍ବିତ ରାତିରେ ନିର୍ମାଣ କାର୍ଯ୍ୟ କରାଯାଉଛି। ବ୍ରିଜ୍‌ଟିକୁ ସିଧା ନିର୍ମାଣ ନ କରି ବଙ୍କା ଭାବେ ନିର୍ମାଣ କରାଯାଉଛି, ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ନିମ୍ନମାନର ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଭବିଷ୍ୟତରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସପନପୁରରେ ରାମଲୀଳା ଉଦ୍‌ଘାଟିତ

ଟାଙ୍ଗୀ, ୨୯ ।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଗ୍ରାମରେ ହେଉଥିବା ରାମଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅର୍ଜୁନି ସାହୁଙ୍କ ସଭାପତିତ୍ୱରେ



ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୀବନୀ ଉପରେ ଆଧାରିତ ରାମଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଥମ ଦିବସରେ ରାମଜନ୍ମ ଗ୍ରାମର କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଓ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗଦେଇଥିଲେ। ମାନସ ଭଗତ ଧନ୍ୟବାଦ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ଯଦୁନାଥ ମିଶ୍ର ଓ ବିରବର ପ୍ରଧାନଙ୍କ ସମେତ କୈଳାସ ପ୍ରଧାନ, ରାମଚନ୍ଦ୍ର ନାଏକ, ମଧୁସୂଦନ ସାହୁ, ମହେଶ୍ୱର ନାୟକ, ସତ୍ୟାନନ୍ଦ ଭଗତ, ସୁନାକର ପ୍ରଧାନ, ପ୍ରଦୀପ ଜଟଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ବୁଥ୍‌ସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ କର୍ମଶାଳା ଉଦଯାପିତ

ବଡମ୍ବା, ୨୯।୩(ସମିସ): ବଡମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରରେ ବଡମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସ ଏବଂ ବଡମ୍ବା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ସମ୍ପୂର୍ଣ୍ଣ ମାର୍ଗଦର୍ଶନରେ ବଡମ୍ବା ବ୍ଲକ ଅନ୍ତର୍ଗତ ୧୩୬ ଜଣ ବୁଥସ୍ତରୀୟ ଅଧିକାରୀ ଓ ୧୩ ଜଣ ପର୍ଯ୍ୟବେକ୍ଷକଙ୍କୁ ସ୍ୱତନ୍ତ୍ର ସଂଘନ ସଂଶୋଧନ ଏସଆଇଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଏପ୍ରିଲ ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂର୍ବରୁ ୨୦୦୨ ମସିହାରେ ହୋଇଥିବା ବେଳେ ଏହା ପୁନର୍ବାର ୨୦୨୬ ମସିହାରେ ହେବାକୁ ଯାଉଛି। ଏହି ସଂଶୋଧନ କାର୍ଯ୍ୟକ୍ରମରେ ନିଜ ଅଞ୍ଚଳରେ ଥିବା ସ୍ଥାନୀୟ ଭୋଟରଙ୍କ ନାମ ରହିବା ସହିତ ଆମ ରାଜ୍ୟ ବାହାରୁ ଚାଲି ଆସିଥିବା ଭୋଟରଙ୍କ ନାମକୁ କିପରି ବାଦ ଦେଇ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ହେବ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଶଙ୍କର ବାସ୍କେ ପ୍ରଭୃତି ସହଯୋଗ କରିଥିଲେ। ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



# ଅବକାରୀ ଚଢ଼ଉ; ବ୍ୟାପକ ମଦ ଜବତ

ଆଠଗଡ଼, ୨୯।୩(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରବିବାର ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ ଦ୍ୱାରା ଏକ ଚଢ଼ଉ କରାଯାଇ ୨୬୨୫ ଲିଟର ଦେଶୀ ମଦ ସହ ୧୭, ୧୮୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ବିଭାଗ ପକ୍ଷରୁ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗର ରାଜେନ୍ଦ୍ର ଖେସ, ସରୋଜ ସାହୁ ତଥା ଅବକାରୀ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଜମି ଅଧିଗ୍ରହଣ ବିରୋଧରେ ଚାଷୀମେଳି



ଟାଙ୍ଗୀ, ୨୯।୩(ସମିସ): ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୬ ଲେନ୍ ବିଶିଷ୍ଟ ରାମେଶ୍ୱର-ଟାଙ୍ଗୀ କ୍ୟାପିଟାଲ ରିଜନ୍ ରିଂ ରୋଡ୍ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଅସଙ୍ଗତିକୁ ନେଇ ଟାଙ୍ଗୀ ଅଞ୍ଚଳରେ ବିରୋଧାଭାଷ ସୃଷ୍ଟି ହୋଇଛି। ବିଶେଷକରି ୨୦୨୬ ମସିହାରେ ଜମିନେଇ ୨୦୨୨ ମସିହା ଜମିମୂଲ୍ୟ ଓ ୪ ଗୁଣ ବଦଳରେ ୩ ଗୁଣ ପାଉଣା ବିଷୟକୁ ନେଇ ଏକ ଚାଷୀମେଳି ଶାଳଗାଁ ପଞ୍ଚାୟତ ମାଧପୁରସ୍ଥିତ ଅଲେଖ ଟୁଙ୍ଗି ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ ବେଣୁଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାଶ ଓ କୃଷକ ନେତା ମାନସ ଜେନା ଅତିଥିଭାବେ ଯୋଗଦେଇ ଉପଯୁକ୍ତ କ୍ଷତିପୂରଣ ସଂକ୍ରାନ୍ତ ଆଇନର ବାଖ୍ୟା କରିଥିଲେ। ସନ୍ତୋଷ ବେହେରା, ରମେଶ ବେହେରା, ଲକ୍ଷ୍ମୀଧର ଶତପଥୀ, ଗୋବର୍ଦ୍ଧନ ସ୍ୱାଇଁ, ଦିଲ୍ଲୀପ ସାମଲ, ଅନୀଲ ଜଟ ଓ ରବୀନ୍ଦ୍ର ସାମଲ ପ୍ରମୁଖ ବହୁଚାଷୀ ବୈଠକରେ ସାମିଲ ହୋଇଥିଲେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ ବ୍ୟାପକ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ନବନିର୍ମାଣ କୃଷକ ସଂଗଠନର ପଦଯାତ୍ରା

ଟାଙ୍ଗୀ, ୨୯।୩(ସମିସ): ଚାଷୀଙ୍କ ସ୍ୱାର୍ଥରେ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ପ୍ରସଙ୍ଗ ଉଠାଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜାତୀୟ ରାଜପଥରେ ଏକତା ପଦଯାତ୍ରା ଆରମ୍ଭ ହୋଇଛି। ଗତ ୨୨ ତାରିଖରେ ଘଟଗାଁ ମା'ତାରିଣୀଙ୍କ ପୀଠରୁ ବାହାରିଥିବା ପଦଯାତ୍ରା ରବିବାର ଅପରାହ୍ନରେ ଟାଙ୍ଗୀ ଅତିକ୍ରମ କରିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଂଯୋଜକ ସୁବାସ ଜଟିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ପଦଯାତ୍ରୀ ଦଳକୁ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଟାଙ୍ଗୀସ୍ଥିତ ହନୁମାନ ମନ୍ଦିର ନିକଟରେ ସ୍ୱାଗତ ଜଣାଇବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଥିଲେ। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ୩୧ ତାରିଖରେ ଭୁବନେଶ୍ୱର ପହଞ୍ଚିବ ବୋଲି ଜଣାପଡ଼ିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ଦାସ, ଜୟନ୍ତ ସ୍ୱାଇଁ, ଅନୱର ଅଲ୍ଲୀ, ଦିନେଶ ଦାସ, ମଧୁସ୍ମିତା ମହନ୍ତ, ରାଇମଣି ବିଶ୍ୱାଳ ଓ ନିରାକାର ରାଉତ ପ୍ରମୁଖ ପଦଯାତ୍ରାକାରୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେଇଥିଲେ।



# ଜାନକୀ ଦାଦିଙ୍କ ସ୍ମୃତି ଦିବସ

ବଡମ୍ବା, ୨୯।୩(ସମିସ): ବଡମ୍ବା ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ସୁଖଧାମରେ ମୁଖ୍ୟ ପ୍ରଶାସିକା ଜାନକୀ ଦାଦିଙ୍କର ୬ଷ୍ଠ ସ୍ମୃତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବଡମ୍ବା ଶାଖା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ବ୍ରହ୍ମା କୁମାରୀ ପୁଷ୍ପ ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁରଲୀ ପଠନ, ସ୍ମୃତି ଦିବସ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାଣ ଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ଅତିଥି ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପୁଷ୍ପଲତା ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ପ୍ରାଣଯୋଗ ପ୍ରତିଷ୍ଠାନର ସହକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ଉପସ୍ଥିତ ଥିଲେ। ବରିଷ୍ଠ ବ୍ରହ୍ମାକୁମାର ବିଦ୍ୟାଧର ଭାଇ ଦାଦୀଙ୍କ ଜୀବନୀ ଉପରେ ଭାଷଣ ରଖିଥିଲେ। ବ୍ରହ୍ମାକୁମାର ପ୍ରବୋଧ ଭାଇ ସଭା ସଂଯୋଜନା କରିଥିଲେ। ଜିତୁ ଭାଇ, ସ୍ୱର୍ଣ୍ଣ ଭଉଣୀ, ବାସନ୍ତୀ ଦେଇ, ସୋନାଲୀ ଭଉଣୀ, ଶିକ୍ଷୟିତ୍ରୀ ଅଞ୍ଜଳି ଭଉଣୀ, ବାଲୁଙ୍କେଶ୍ୱର ଭାଇ, ଲକ୍ଷ୍ମୀପ୍ରିୟା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ରତ୍ନା ଭଉଣୀ ଧନ୍ୟବାଦ ଦେଇଥିଲେ।



## ପ୍ରତ୍ନତତ୍ତ୍ୱ ବିଭାଗ ଅଢୁଆଳରେ ମା' ଭଗବତୀଙ୍କ ମନ୍ଦିର

# ଜବରଦଖଲରେ ମା'ଙ୍କ ସମ୍ପତ୍ତି

ସାଲେପୁର, ୨୯।୩(ସମିସ)

- ବିକାଶ ଅପେକ୍ଷାରେ ମାଳିକା ବର୍ଣ୍ଣିତ ବଟେଶ୍ୱର ଐତିହ୍ୟସ୍ଥଳ
- ଗୁପ୍ତଗଙ୍ଗା ଚିତ୍ରୋତ୍ପଳା କୂଳରେ ଥିବା ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ ଶୂନ
- ବ୍ରହ୍ମାଙ୍କ ବଣ ବୌଦ୍ଧ ବିହାର ସହ ରହିଛି ପୌରାଣିକ ସାମଞ୍ଜସ୍ୟ



ସାଲେପୁର ବ୍ଲକଠାରୁ ମାତ୍ର ଏକ କିଲୋମିଟର ଦୂରରେ ଅବସ୍ଥିତ ପ୍ରସିଦ୍ଧ ବଟେଶ୍ୱର ମା' ଭଗବତୀଙ୍କ ମନ୍ଦିର ଆଜି ପ୍ରଶାସନିକ ଅବହେଳାର ଶିକାର ହୋଇଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମାଳିକା ତତ୍ତ୍ୱ ଅନୁଯାୟୀ ଏହି ମନ୍ଦିରର ଅନେକ ଗୁରୁତ୍ୱ ରହିଥିଲେ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ଉନ୍ନତିକରଣ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଗୁପ୍ତଗଙ୍ଗା ଚିତ୍ରୋତ୍ପଳା ନଦୀ କୂଳରେ ବିରାଜମାନ କରୁଥିବା ମା' ଭଗବତୀ କଳିଯୁଗର 'ମହାଚଣ୍ଡୀ' ଭାବେ ବର୍ଣ୍ଣିତ। ପୌରାଣିକ ମତ ଅନୁଯାୟୀ, ମକର ସଂକ୍ରାନ୍ତି ଦିନ ଏଠାରେ ଗୁପ୍ତଗଙ୍ଗାରେ ସ୍ନାନ କରି ମା'ଙ୍କୁ ଦର୍ଶନ କଲେ ଯୁଗ ଯୁଗର ପାପ ନାଶ ହୁଏ ବୋଲି ବିଶ୍ୱାସ ରହିଛି। ମାତ୍ର ଏଭଳି ଏକ ପବିତ୍ର ତଥା ଐତିହାସିକ ସ୍ଥଳ ଆଜି ସରକାରୀ ପ୍ରୋତ୍ସାହନ ଅଭାବରୁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି।

ଚିତ୍ରୋତ୍ପଳା ନଦୀ କୂଳରେ ଅବସ୍ଥିତ ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଜଳ ମନ୍ଦିରର ବହୁ କ୍ଷୟକ୍ଷତି କରୁଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳନ୍ଦୀ ବେହେରାଙ୍କ ଉଦ୍ୟମରେ ବନ୍ୟା ଜଳ ରୋକିବା ପାଇଁ ୪ ଫୁଟ ଉଚ୍ଚର ଏକ ପ୍ରାଚୀର ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୁହେଁ। ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ କଳା ମୁଗୁନି ପଥରରେ ନିର୍ମିତ ହୋଇଥିବା ବେଳେ ଏହାର ସଠିକ୍ ଯତ୍ନ ନିଆଯାଉ ନାହିଁ। ମନ୍ଦିରଠାରୁ ମାତ୍ର କିଛି ମିଟର ଦୂରରେ ଥିବା 'ବ୍ରହ୍ମାଙ୍କ ବଣ' ବୌଦ୍ଧ ବିହାର ସହ ମା' ଭଗବତୀଙ୍କ ମନ୍ଦିରର ଗଭୀର ସମ୍ପର୍କ ରହିଛି, ଯାହାକୁ ପ୍ରତ୍ନତତ୍ତ୍ୱ ବିଭାଗ ଅନୁଧ୍ୟାନ କରିବା ଆବଶ୍ୟକ। ଅପରପକ୍ଷରେ, ମନ୍ଦିର ପରିଚାଳନା କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ଜମି ଜବରଦଖଲ। ମା'ଙ୍କ ନାମରେ ଏକର ଏକର ଜମି ରହିଥିଲେ ମଧ୍ୟ କିଛି ପ୍ରଭାବଶାଳୀ ବ୍ୟକ୍ତି ଏହାକୁ ନିଜ ଦଖଲକୁ ନେବା ସହ ବେଆଇନ ଭାବେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏହି ସମ୍ପତ୍ତିକୁ ଫେରାଇ ଆଣିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। ସାଧାରଣରେ ଦାବି ହୋଇଛି ଯେ, ଯଦି ପ୍ରତ୍ନତତ୍ତ୍ୱ ବିଭାଗ ଏହି ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନିଅନ୍ତେ ଏବଂ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ କରାଯାନ୍ତା, ତେବେ ଏହା ଓଡ଼ିଶାର ଏକ ସ୍ୱତନ୍ତ୍ର ମାଳିକା ବର୍ଣ୍ଣିତ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇପାରନ୍ତା। ମନ୍ଦିରର ହୃତ ସମ୍ପତ୍ତି ଫେରାଇ ଆଣିବା ସହ ଏହାର ବିକାଶ ପାଇଁ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ତିଗିରିଆ ବିଡିଓଙ୍କ ପଦୋନ୍ନତି



ତିଗିରିଆ, ୨୯।୩(ସମିସ): ତିଗିରିଆ ବିଡ଼ିଓ ଭାବେ କାର୍ଯ୍ୟରତ ମନସ୍ୱିନୀ ଦାସଙ୍କର ବାଙ୍କୀ ଉପଜିଲ୍ଲାପାଳ ଭାବେ ପଦୋନ୍ନତି ହୋଇଛି। ଶ୍ରୀମତୀ ଦାସ ତିଗିରିଆ ବ୍ଲକରେ ବିଡ଼ିଓ ଭାବେ ଗତ ଅପ୍ରେଲ ମାସ ୨ ତାରିଖରେ ଯୋଗଦେଇ ତିଗିରିଆ ଅଞ୍ଚଳର ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ପଦୋନ୍ନତି ଖବର ପ୍ରକାଶିତ ହେବା ପରେ ବ୍ଲକ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ମଧ୍ୟ ଅଭିନନ୍ଦନ ପ୍ରଦାନ କରାଯାଇଛି।

